# Akashvani, Sambalpur

## SAMBALPURI NEWS BULLETIN

### 7 August 2025 - 6.47- 6.52 am.

*********************************************

କର୍ତବ୍ୟ ଭବନ୍- ପ୍ରଧାନମନ୍ତ୍ରୀ ସମ୍ବୋଧନ  ଆର୍ଏନ୍ୟୁ/ ସମ୍ବଲପୁର

କର୍ତବ୍ୟ ଭବନ୍ ଖାଲି ଗୁଟେ କୁଠା ନୁହେ, ଇଟା ଅମୃତ୍ କାଲ୍ଥି ବିକଶିତ୍ ଭାରତ୍‌ର ଲକ୍ଷ୍ୟ ପୂରଣ ଆଉ ଦେଶର୍ ଭବିଷ୍ୟତ୍ ନିର୍ମାଣର ମୁକସାକ୍ଷୀ ହେବା ବଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ନୂଆଦିଲ୍ଲୀର୍ କର୍ତବ୍ୟ ପଥଠାନେ ଗଲାକାଏଲ୍ କର୍ତବ୍ୟ ଭବନ୍-୩ କେ ଉଦ୍‌ଘାଟନ୍ ଅବ୍‌ସରେ ଜନସଭାକେ ସମ୍ବୋଧନ୍ କରି କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍, ଗଲା ୧୧ ବଛର୍ ଭିତ୍‌ରେ ଭାରତ୍ ନ ଗୁଟେ ସ୍ୱଚ୍ଛ, ପ୍ରତିକ୍ରିୟାଶୀଲ୍ ଆଉ ନାଗରିକ କୈନ୍ଦ୍ରିକ ଶାସନ୍ ଢାଂଚା ତିଆର୍ ହେଇଛେ । ଇ କୁଠା କୋଟି କୋଟି ଦେଶବାସୀଙ୍କର୍ ସପନ୍ ସାକାର୍ କର୍‌ବାର୍ ତପୋଭୂମି ସାଜ୍‌ବା । ଏକବିଂଶ ଶତାବ୍ଦୀ ଥି ଦେଶ୍‌କେ ବୈଷୟିକ୍ ଜ୍ଞାନ, ସୁରକ୍ଷା ଆଉ ସୁବିଧାକେ ନଜର୍‌ଥି ରଖିକରି ଇ ଭବନ୍ ତିଆର୍ କରାଯାଇଛେ ବଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର-ପ୍ରଧାନମନ୍ତ୍ରୀ)

ଜାତୀୟ ହସ୍ତତନ୍ତ ଦିବସ          ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ ଜାତୀୟ ହସ୍ତତନ୍ତ ଦିବସ । ହସ୍ତତନ୍ତର୍ ପ୍ରଚାର ଆଉ ପ୍ରସାର କର୍‌ବାର ସାଂଗେ ବୁଣାକାର ମାନଙ୍କୁ ତହଁକାବାର ଲାଗି ୨୦୧୫ ମସିହାନୁ ଫି ବଛର ଅଗଷ୍ଟ ୭ ତାରିଖକେ କେନ୍ଦ୍ର ସରକାରଙ୍କର ବୟନ ଆର ହସ୍ତତନ୍ତ ମନ୍ତ୍ରଣାଳୟ ତରଫୁ ଜାତୀୟ ହସ୍ତତନ୍ତ ଦିବସ ହିସାବେ ପାଲନ କରାଯାଉଛେ । ୧୯୦୫ ମସିହାଥି ଆଝିର୍ ଦିନେ ସ୍ୱଦେଶୀ ଆନ୍ଦୋଲନ୍ ମୁଲ୍ ହେଇଥିଲା । ଇ ଦିନ୍‌କେ ସୋର୍ ରଖ୍‌ବାର୍ ଲାଗି ଜାତୀୟ ହନ୍ତତନ୍ତ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶର୍ ସାମାଜିକ୍ ଆର୍ ଆର୍ଥିକ୍ ଉନ୍ନତିଥି ହସ୍ତଶିଳ୍ପ ଆଉ ହସ୍ତତନ୍ତର ବଡ୍ ଭୂମିକା ରହିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ମସିହା ଅଗଷ୍ଟ୍ ୭ ତାରିଖ୍ ଦିନ ପହେଲା ଜାତୀୟ ହସ୍ତତନ୍ତ ଦିବସ୍ ପାଲନ୍ କରିଥିଲେ ।

ରାଷ୍ଟ୍ରପତି-ହସ୍ତତନ୍ତ ଦିବସ          ଏନ୍‌ଏସ୍‌ଡି/ଏକ୍ସ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଏଜ୍ ନୂଆଦିଲ୍ଲୀଠାନେ ୧୧ ନମ୍ବର ହସ୍ତତନ୍ତ ଦିବସ୍ କାର୍ଯ୍ୟକ୍ରମଥି ଅଧ୍ୟକ୍ଷତା କର୍‌ବେ । ବୟନ ମନ୍ତ୍ରଣାଳୟ ତର୍‌ଫୁ ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ଦେଶର୍ ଭିନ୍ ଭିନ୍ ଇଲାକାନୁ ୬ ଶହ ୫୦ ଝନ୍ ବୁନ୍‌କାର ସହେତେ ବିଦେଶୀ ବେପାରୀ ଆଉ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେବେ । ଭାରତର ହସ୍ତତନ୍ତ କ୍ଷେତ୍ରର ଅଭିବୃଦ୍ଧି ଆଉ ଦେଶର ଗ୍ରାମୀଣ ଅର୍ଥନୈତିକ, ସାଂସ୍କୃତିକ ପରିଚୟକେ ସମ୍ମାନ୍ ଜନାବାର୍ ଇ କାର୍ଯ୍ୟକ୍ରମ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । କାର୍ଯ୍ୟକ୍ରମ୍‌ଥି ବୟନ ଶିଳ୍ପ ବିକାଶ ଦିଗେ ପ୍ରଶଂସନୀୟ କାମ୍ କରିଥିବା ଲୁକ୍‌କୁ ସମ୍ମାନ୍‌ଜନକ ସନ୍ଥ କବିର୍ ପୁରସ୍କାର ଆଉ ଜାତୀୟ ହସ୍ତତନ୍ତ ପୁରସ୍କାର ଦିଆଯିବା ।

ଜାତୀୟ ହସ୍ତତନ୍ତ ଦିବସ I&PR

ଜାତୀୟ ହସ୍ତତନ୍ତ ଦିବସ- ୨୦୨୫ ଅବ୍‌ସରେ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ଠାନେ ରାଜ୍ୟସ୍ତରୀୟ ସମାରୋହର୍ ଆୟୋଜନ୍ କରାଯାଇଛେ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଦିନର୍ ୧୨ ବଜେ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ । ଇ ଅବ୍‌ସରେ ହସ୍ତତନ୍ତ ପ୍ରଦର୍ଶନୀ ଆଉ ଜ୍ଞାନ୍ ଆଦାନ୍‌ପ୍ରଦାନ୍ ଅଧିବେଶନ୍- ଏକତା ଭିଲ୍

ଆୟୋଜନ୍ କରାଯିବା । ସମାରୋହଥି ସାଂସ୍କୃତିକ୍ କାର୍ଯ୍ୟକ୍ରମ୍ ସହେତେ ଫେସନ୍ ସୋ ଆଉ ଲେଜର୍ ସୋ ହେବା । ଇ ଅବ୍‌ସରେ ମେଗା ହସ୍ତତନ୍ତ ଆଉ ହସ୍ତଶିଳ୍ପ ପ୍ରଦର୍ଶନୀ ହେବା । ୧୫ ଶହ ନୁ ଅଏତ୍‌କା ବୁଣାକାର୍ ଇଥି ଭାଗ୍ ନେବେ ବଲି ବୟନ ଶିଳ୍ପ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ । କାର୍ଯ୍ୟକ୍ରମଥି ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ ଭିଲ୍ ଉପସ୍ଥିତ୍ ରହେବେ ।

ଧାନ୍ ପଞ୍ଜିକରଣ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚଲ୍‌ତି ଖରିଫ୍ ଋତୁ ବେଲ୍‌କେ ଚାଷୀ ପଞ୍ଜିକରଣ କର୍‌ବାର୍ ଲାଗି ଉତରାଧିକାରୀ ପ୍ରମାଣପତ୍ର ଆଉ ବାଧ୍ୟତାମୁଲକ୍ ନାଇ ରହେ ବଲି ସମବାୟ ବିଭାଗ୍ ତର୍‌ଫୁ ଘୋଷଣା କରାଯାଇଛେ । ଚାଷୀମାନେ ଖାଲି ଗୁଟେ ନ ସେଲ୍‌ଫ ଡିକ୍ଲେୟାରେସନ୍ ଫର୍ମ ଦାଖଲ୍ କର୍‌ବେ । ଇଥିର୍ ଲାଗି ଖାସ୍ ଫର୍ମ ଜାରି କରାଯାଇଛେ । ଚାଷୀମାନେ ପେକ୍ସ, ଲେମ୍ପସ୍ ନୁ ଫର୍ମ ପାଇପାର୍‌ବେ । ଚାଷୀ ପଞ୍ଜିକରଣ ପ୍ରକ୍ରିୟାକେ ସରଲ୍ କର୍‌ବାର୍‌କେ ଭିନ୍ ଭିନ୍ ଜିଲ୍ଲାର ଜିଲ୍ଲାପାଲ୍‌ମାନେ ଇ ବାବ୍‌ଦେ ବିଜ୍ଞପ୍ତି ଜାରି କରିଛନ୍ ।

ଶିଳ୍ପ ମନ୍ତ୍ରୀ- ସମୀକ୍ଷା I&PR

ଜିଲ୍ଲା ଶିଳ୍ପ କେନ୍ଦ୍ର ସାଧାରଣ ପରିଚାଳକଙ୍କର୍ ଯୋଜ୍ନା କାର୍ଯ୍ୟାନ୍ୱୟନ୍ ଆଉ ରୂପାୟନ୍ ବାବ୍ଦେ ଗୁଟେ ସମୀକ୍ଷା ବୈଠକ୍ ଗଲାକାଏଲ୍ ଭୁବନେଶ୍ୱର ଓ-ହବ୍ଠାନେ ହେଇଯାଇଛେ । ବୈଠକ୍ଥି ଏମ୍ଏସ୍ଏମ୍ଇ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିକରି ଉଦ୍ୟମିତା କ୍ଷେତ୍ରଥି ଅଏତ୍କା ମହିଲାଙ୍କୁ ସାମିଲ୍ କର୍ବାର୍ ଲାଗି ଆହୁରି ଚେରେଷ୍ଟା କର୍ବାର୍କେ ପରାମର୍ଶ ଦେଇଛନ୍ । ମହିଲା ନେତୃତ୍ୱାଧିନ୍ ଉଦ୍ୟମିତା ହଉଛେ ସମିଆର୍ ଆହ୍ୱାନ୍ । ମହିଲା ନେତୃତ୍ୱାଧିନ୍ ଏମ୍ଏସ୍ଏମ୍ଇ କ୍ଷେତ୍ରଥି ଦେଶେ ଓଡ଼ିଶା ୧୩ ନମ୍ୱର ଠାନେ ରହିଥିବାର୍ ବେଲେ ଆଏବା ଦିନେ ଭଲ୍ ପ୍ରଦର୍ଶନ୍ କର୍ବାର୍ ଲାଗି ଇ ଅବ୍ସରେ ମନ୍ତ୍ରୀ ଶ୍ରୀ ମଲ୍ଲିକ୍ ଆହ୍ୱାନ୍ ଦେଇଛନ୍ ।

ଜଲ୍ସମ୍ପଦ୍ ବିଭାଗ୍ ସମୀକ୍ଷା I&PR

ରାଜ୍ୟ ଉନ୍ନୟନ ଆୟୁକ୍ତ ଆଉ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଗଲାକାଏଲ୍ ଭୁବନେଶ୍ୱରଠାନେ ଜଲସମ୍ପଦ୍ ବିଭାଗ୍ ନ ବିକଶିତ୍ ଓଡ଼ିଶା ଭିଜନ୍ ୨୦୩୬ ଆଉ ବିକଶିତ୍ ଭାରତ୍ ଭିଜନ୍ ୨୦୪୭ର

କାର୍ଯ୍ୟକାରିତାର୍ ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ଆଏବା ୫ ବଛର୍ ଭିତ୍‌ରେ ୧୫ ଲାଖ୍ ହେକ୍ଟର ଜିମନ୍‌କେ ପାଏନ୍ ମଡ଼ାବାର୍ ଆଉ ୨୦୨୫-୨୬ ଆର୍ଥିକ୍ ବଛ୍‌ରେ ୨ ଲାଖ୍ ୭୭ ହଜାର ହେକ୍ଟର୍ ଜମିକେ ଜଲ୍‌ସେଚନ୍ ବ୍ୟବସ୍ଥା କର୍‌ବାର୍ ଲକ୍ଷ୍ୟ ରଖାଯାଇଛେ ବଲି ଶ୍ରୀମତୀ ଗର୍ଗ କହିଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ମୌସୁମୀ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଲୟର୍ ପ୍ରଭାବ୍‌ଥି ଆଏବା ୧୧ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ସମ୍ବଲପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଦେବଗଡ଼, ବରଗଡ଼ ସହେତେ ରାଜ୍ୟର ୨୦ଟା ଜିଲ୍ଲାନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ । ସମ୍ବଲପୁର, ସୁନ୍ଦର୍‌ଗଡ଼୍ ଆର୍ କେନ୍ଦୁଝର୍ ନ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ କେନ୍ଦ୍ର ସତର୍କ କରିଛେ ।